11319071 95

# INDIA NON JUDICIAL

# Government of Odisha

## e-Stamp

सत्यमेव जयते

| | | |
|---|---|---|
| Certificate No. | : | IN-OD00662336217421R |
| Certificate Issued Date | : | 04-Sep-2019 02:59 PM |
| Account Reference | : | SHCIL (FI)/ odshcil01/ SRO- BHUBANESWAR/ OD-KRD |
| Unique Doc. Reference | : | SUBIN-ODODSHCIL0100813540051358R |
| Purchased by | : | EVOS BUILDCON PVT LTD |
| Description of Document | : | Article IA-48 Power of Attorney Deed |
| Property Description | : | MOUZA-TAMANDO |
| Consideration Price (Rs.) | : | 54,00,000<br>(Fifty Four Lakh only) |
| First Party | : | NITYANANDA BAL |
| Second Party | : | EVOS BUILDCON PVT LTD |
| Stamp Duty Paid By | : | EVOS BUILDCON PVT LTD |
| Stamp Duty Amount(Rs.) | : | 2,70,200<br>(Two Lakh Seventy Thousand Two Hundred only) |

---------Please write or type below this line---------

Kalinga Keshari Kath

SR 0004023086

**Statutory Alert:**

1. The authenticity of this Stamp Certificate should be verified at "www.shcilestamp.com". Any discrepancy in the details on this Certificate and as available on the website renders it invalid.
2. The onus of checking the legitimacy is on the users of the certificate.
3. In case of any discrepancy please inform the Competent Authority.

Scanned by CamScanner

 

Evos Buildcon Pvt. Ltd.
Managing Director

# ଅପ୍ରତ୍ୟାହୃତ ପୂର୍ଣ୍ଣ କ୍ଷମତାପତ୍ର

**କ୍ଷମତାଦାତାଙ୍କ ନାମ ଓ ଠିକଣା:**

ଲିଖିତଂ ଆମ୍ଭେ (୧) ଶ୍ରୀ ନିତ୍ୟାନନ୍ଦ ବଳ, ବୟସ ବ୬୨ର୍ଷ, ପିତା- ୰ ଉଦୟନାଥ ବଳ, ପେଷା- ବ୍ୟବସାୟ, ଜାତି- ଖଣ୍ଡାୟତ ସା/ପୋ- ତମାଣ୍ଡୋ, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା (PAN- ABEPB1071B)

**କ୍ଷମତା ଗ୍ରହିତା ନାମ ଓ ଠିକଣା:**

ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍, ଏକ କମ୍ପାନୀ ଯାହାକି ଭାରତୀୟ କମ୍ପାନୀ ଆଇନ୍ ୧୯୫୬ ଅନୁଯାୟୀ ପଞ୍ଜିକୃତ ଅଟେ ଏବଂ ଏହାର Certificate of Incorporation No.U70101OR2010PTC012674 / 2010-11 ଓ ଏହାର ପଞ୍ଜିକୃତ ଅଫିସ୍:- ପ୍ଲଟ ନଂ ୨୮୪/୨୪୮୫ମ୍ବର, ପାତ୍ରପଡ଼ା, ଜାତୀୟ ରାଜପଥ ନଂ-୧୬, ଥାନା- ଖଣ୍ଡଗିରି, ଭୁବନେଶ୍ୱର- ୭୫୧୦୧୯, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ତରଫ ପରିଚାଳନା ନିର୍ଦ୍ଦେଶକ ଶ୍ରୀ କଳିଙ୍ଗ କେଶରୀ ରଥ, ବୟସ- ୩୫ ବର୍ଷ, ପିତା ୰କୈଳାସ ଚନ୍ଦ୍ର ରଥ, ଜାତି- ବ୍ରାହ୍ମଣ, ପେଷା- ବ୍ୟବସାୟ, ଏତଦ୍ ପରେ ଉନ୍ନୟନକାରୀ ରୂପେ ବିଦିତ । PAN-AACCE5477G ଏତଦ୍ ପରେ କ୍ଷମତା ଗ୍ରହିତା ରୂପେ ବିଦିତ ।



Scanned by CamScanner

କି ପ୍ରକାର ଦଲିଲ : ଅପ୍ରତ୍ୟାହୃତ ପୂର୍ଣ୍ଣ କ୍ଷମତାପତ୍ର

ସରକାରୀ ମୂଲ୍ୟାଙ୍କ : ଟ.୫୪,୦୦,୦୦୦...... ଙ୍କା

## ତଫସିଲ ସଂପତ୍ତି

୧. ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଖଣ୍ଡଗିରୀ, ନଂ: ୧୪, ମୌଜା: ତମାଣ୍ଡୋ, ଖାତା ନଂ. ୧୮୦/୧୭ (ଏକ ଶତ ଅଶି ବଟା ସତର), ପ୍ଲଟ୍ ନଂ: ୩୫୦/୪୨୯ (ତିନି ଶତ ପଚାଶ ବଟା ଚାରି ଶତ ଅଣତିରିଶି) ରକବା: ଏ୦.୧୫୦ଡ଼ି (ଏକ ଶତ ପଚାଶ) (ପୁରା ପ୍ଲଟ), କିସମ: ଘରବାରି ।

୨. ଖାତା ନଂ. ୧୮୦/୧୩୬ (ଏକ ଶକ ଅଶି ବଟା ଏକ ଶତ ଛତିଶ) ପ୍ଲଟ ନଂ. ୩୫୦/୪୨୭ (ତିନି ଶତ ପଚାଶ ବଟା ଚାରି ଶତ ସତେଇଶ) ରକବା ଏ୦.୧୫୦ଡ଼ି (ଏକ ଶତ ପଚାଶ ଡ଼ିସିମିଲି) (ପୁରା ପ୍ଲଟ୍) କିସମ: ଘରବାରି ।

ମୋଟ ଏକ ଗୋଟି ମୌଜା, ଦୁଇ ଗୋଟି ଖାତା, ଦୁଇ ଗୋଟି ପ୍ଲଟ୍, ମୋଟ୍ ରକବା ଏ୦.୩୦୦ଡ଼ି, ।

ଏହି କି ଯେ ମୁଁ କ୍ଷମତାଦାତା ଉପରଲିଖିତ ବୃତ୍ତିରେ ସମସ୍ତ ସତ୍ତ୍ୱ ସତ୍ତ୍ୱାଦି ନିହିତ ଥାଇ ଶାନ୍ତିପୂର୍ଣ୍ଣ ଭାବରେ ନିଜ ଦଖଲରେ ରଖିଅଛି । ଏହିକି ଯେ ଉପରୋକ୍ତ ବିକ୍ରୟ ବୃତ୍ତି ଖାତା ନଂ.୧୮୦/୧୩୬ ବାବାଦ ବୃତ୍ତି ମୁଁ କ୍ଷମତାଦାତାଙ୍କ ନିଜ ନାମରେ ପଟ୍ଟା ରେକର୍ଡ ଦରଜ ଥାଇ (ଦାଖଲ ଖାରଜ କେସ୍ ନଂ.୮୯୩୭/୦୬ ହୁକୁମ୍ ମୁତାବକ ଖାତା ନଂ.୧୮୦/୧୫ରୁ ନିଜ ନାମରେ ପଟ୍ଟା ପାଇ) ଏବଂ ଖାତା ନଂ.୧୮୦/୧୭ ବାବଦ ବୃତ୍ତି ମୋ ପିତା ଉଦୟନାଥ ବଳଙ୍କ ନାମରେ ପଟ୍ଟା ରେକର୍ଡ ଦରଜ ଥାଇ ତାଙ୍କ ମୃତାନ୍ତେ ମୁଁ କ୍ଷମତାଦାତା ଓ ମୋର ଅନ୍ୟ ଅଂଶୀଦାରମାନଙ୍କ ମଧ୍ୟରେ ବଣ୍ଟନପତ୍ର ଦଲିଲ ନଂ.୧୧୦୮୧୨୦୦୫୮୩, ତା.୦୪.୦୧.୨୦୧୨ରିଖ ମୁତାବକ ମୁଁ କ୍ଷମତାଦାତା ନିମ୍ନଲିଖିତ ବୃତ୍ତିରେ ସମସ୍ତ ସତ୍ତ୍ୱ ସତ୍ତ୍ୱାଦି ନିହିତ ଥାଇ ଶାନ୍ତିପୂର୍ଣ୍ଣ ଭାବରେ ନିଜ ଦଖଲରେ ରଖିଅଛି । ଏଥକୁ କ୍ଷମତାଦାତା ଉକ୍ତ ବୃତ୍ତିରେ ସହଭାଗିତାରେ ଆପାର୍ଟମେଣ୍ଟ ନିର୍ମାଣ କରିବା ନିମନ୍ତେ ଜିଲିଅନ୍ ଡ଼େଭେଲପରସ୍ ପ୍ରା.ଲି. ତରଫ ନିର୍ଦ୍ଦେଶକ ଭୋଳାନାଥ ମହାନ୍ତିଙ୍କ ସହିତ ଏକ ଚୁକ୍ତି ପତ୍ର ନଂ.୧୧୧୩୧୨୦୨୧୪୫, ତା.୧୫.୦୨.୨୦୧୨ରିଖରେ ଓ କ୍ଷମତା ପତ୍ର ନଂ.୧୧୧୩୧୨୦୨୧୪୬, ତା.୧୫.୦୨.୨୦୧୨ରିଖରେ ସମ୍ପାଦନ କରିଥିଲୁ, ଜିଲିଅନ୍ ଡ଼େଭେଲପରସ୍ ପ୍ରା.ଲଶି. ତରଫ ନିର୍ଦ୍ଦେଶକ ଭୋଳାନାଥ ମହାନ୍ତି ଉକ୍ତ ପ୍ରକଳ୍ପର କୌଣସି ପ୍ରକାର ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ ନକରି କେବଳ ବି.ଡ଼ି.ଏ. ଠାରୁ ପ୍ରକଳ୍ପ ଅନୁମୋଦନ ପତ୍ର ସଂଖ୍ୟା-

Evos Buildcon Pvt. Ltd.
Managing Director



Scanned by CamScanner

୩୦୭୮୧ ତା୧୬.୧୧.୨୦୧୬ରିଖରେ କରାଇଅଛନ୍ତି, ମାତ୍ର ପ୍ରକଳ୍ପ ନ କରିବା ପାଇଁ ଇଚ୍ଛା ପ୍ରକାଶ କରିବାରେ ଉଭୟ ପକ୍ଷଙ୍କ ମଧ୍ୟରେ କିଲିଅନ୍ ଡ଼େଭେଲପରସ୍ ପ୍ରା.ଲି. ତରଫ ନିର୍ଦ୍ଦେଶକ ଭୋଲାନାଥ ମହାନ୍ତି କରିଥିବା ସମସ୍ତ ଖର୍ଚ୍ଚକୁ ଗ୍ରୀନ୍ ଫିଲ୍ଡ ମାନୋର ପ୍ରାଇଭେଟ୍ ଲିମିଟେଡ୍ ପ୍ରଦାନ କରିବାରୁ ଉକ୍ତ ଚୁକ୍ତିପତ୍ର ଓ କ୍ଷମତା ପତ୍ରର ରଦ୍ଦ ପତ୍ର ସବ-ରେଜିଷ୍ଟ୍ରାରଙ୍କ ନିକଟରେ ଯଥାକ୍ରମେ ଦଲିଲ୍ କ୍ରମିକ ନଂ.୧୧୧୩୧୭୦୭୯୪୨ ତା୨୪.୧୦.୨୦୧୭ରିଖ ଏବଂ ଦଲିଲ୍ କ୍ରମିକ ନଂ.୧୧୧୩୧୭୦୭୯୪୩ ତା୨୪.୧୦.୨୦୧୭ରିଖ ଜରିଆରେ ସମ୍ପାଦନ ହେବାପରେ ଗ୍ରୀନ୍ ଫିଲ୍ଡ ମାନୋର ପ୍ରାଇଭେଟ୍ ଲିମିଟେଡ୍ ସହାୟତାରେ ସହଭାଗିତାରେ ପ୍ରକଳ୍ପ ନିର୍ମାଣ କରିବାର ଆଶା ପୋଷଣ କରିଥିଲେ ଏବଂ ଉପଯୁକ୍ତ ଚୁକ୍ତିନାମା ଓ କ୍ଷମତାପତ୍ର ସବ୍-ରେଜିଷ୍ଟର ଖଣ୍ଡଗିରି, ଭୁବନେଶ୍ୱରଠାରେ ଯଥାକ୍ରମେ ଦଲିଲ୍ କ୍ରମିକ ନଂ- ୧୧୧୩୧୭୦୮୧୦୩ ତା୨୪.୧୦.୨୦୧୭ରିଖ ଓ ଦଲିଲ୍ କ୍ରମିକ ନଂ-୧୧୧୩୧୭୦୭୯୫୧ ତାରିଖ ୨୪.୧୦.୨୦୧୭ ଜରିଆରେ ପଞ୍ଜିକୃତ କରିଥିଲେ ।

ଏହିକି ଯେ, କୌଣସି ଅନିର୍ବାଜ୍ୟ କାରଣ ବଶତଃ ଗ୍ରୀନ୍ ଫିଲ୍ଡ ମାନୋର ପ୍ରାଇଭେଟ୍ ଲିମିଟେଡ୍ ଉପରଲିଖିତ କ୍ଷମତା ପତ୍ର ଓ ଚୁକ୍ତିନାମା ସମ୍ପାଦନ ହେବା ଦିନଠାରୁ ଆଜି ଦିନ ପର୍ଯ୍ୟନ୍ତ କୌଣସି ନିର୍ମାଣ କାର୍ଯ୍ୟ ଆରମ୍ଭ ନକରିବାରୁ ଆମ୍ଭେ କ୍ଷମତାଦାତା ଉପରୋକ୍ତ କ୍ଷମତା ପତ୍ର ଓ ଚୁକ୍ତିନାମାକୁ ସବ୍-ରେଜିଷ୍ଟର ଖଣ୍ଡଗିରି, ଭୁବନେଶ୍ୱରଠାରେ ଯଥାକ୍ରମେ ପଞ୍ଜିକୃତ ପ୍ରତ୍ୟାହୃତ ଦଲିଲ୍ କ୍ରମିକ ନଂ- ତାରିଖ ଏବଂ ପଞ୍ଜିକୃତ ଖାରଜ ଚୁକ୍ତିନାମା ଦଲିଲ୍ କ୍ରମିକ ନଂ. ତାରିଖ ଜରିଆରେ ପ୍ରତ୍ୟାହୃତ କରିଅଛୁ ।

ତଫସିଲ ବୃତ୍ତିପକ୍ଷେ ମୁଁ କ୍ଷମତା ଦାତା ମାଲିକ ଭାବେ ଦଖଲକାର ଥାଇ ନିର୍ବିବାଦେ ନିରାପଦେ ଭୋଗ ଦଖଲାଦି କରିଆସୁଛି ଏବଂ ରିତୀମତ ଖଜଣା ଆଦାୟ ଦେଇ ପାଉତିମାନ ହାସଲ କରିଆସୁଛି । ଉକ୍ତ ବିକ୍ରୟ ବୃତ୍ତି ସଂପୂର୍ଣ୍ଣ ଦାୟମୁକ୍ତ ନିରୋଳା ସତ୍ତ୍ୱ ଅଟେ ।

ଆମ୍ଭେ କ୍ଷମତା ଦାତା ଏହି ଶୀର୍ଷ ଲିଖିତ ଭୂସମ୍ପତ୍ତି ଉପରେ ବହୁତଳ ବିଶିଷ୍ଟ ସୌଧ (Multi Storied Apartment) ନିର୍ମାଣ କରିବାକୁ ଇଚ୍ଛାକରିବାରେ ଓ ତୁମ୍ଭେ କ୍ଷମତା ଗ୍ରହିତା ଏକ ପଞ୍ଜିକୃତ କମ୍ପାନୀଥାଇ ଭୂ-ସମ୍ପତ୍ତିର ଉନ୍ନତିକରଣ ତଥା ବହୁତଳ ସୌଧ ନିର୍ମାଣ କରିବାରେ ଅଭିଜ୍ଞତା / ଅନୁଭୂତି ଥିବାରୁ ଏବଂ ଶୀର୍ଷ ଲିଖିତ ଭୂ-ସମ୍ପତ୍ତିରେ ବହୁତଳ ବିଶିଷ୍ଟ ସୌଧ ନିର୍ମାଣ କରିବାକୁ ଆଗ୍ରହି ଥିବାରୁ ଆମ୍ଭେ ଉଭୟ ପରସ୍ପରକୁ ଯୋଗାଯୋଗ କରି ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ଆଜ ଦିନ ଶୀର୍ଷ

Evos Buildcon Pvt. Ltd.
Managing Director



Scanned by CamScanner

ତଫସିଲବୃତ୍ତିର ସୁରକ୍ଷା ଓ ଉନ୍ନୟନ ଓ ଗୃହ ନିର୍ମାଣ ସମ୍ପର୍କରେ ତୁମ୍ଭକୁ ଏହି ପୂର୍ଣ୍ଣକ୍ଷମତା ପତ୍ର ପ୍ରଦାନ କରୁଅଛୁ କି ତୁମ୍ଭେ ନିମ୍ନଲିଖିତ ସର୍ତ୍ତମୁତାବକ ଆମ୍ଭେ ଦାତାମାନଙ୍କ ତରଫରୁ ନିଜ ସ୍ୱାକ୍ଷର ବଳରେ ସମସ୍ତ କାର୍ଯ୍ୟ ତୁଲାଇ ପାରିବେ। ତହିଁରେ ତୁମ୍ଭେ ଗ୍ରହିତା ସମ୍ପାଦନ କରିଥିବା ସମସ୍ତ କାର୍ଯ୍ୟମାନ ଆମ୍ଭେ ଦାତାମାନଙ୍କ ନିଜେ କଲାପ୍ରାୟ ପରିଗଣିତ ହେବ।

**ସର୍ତ୍ତ:-**

୧. ଏହିକି ଯେ, ତୁମ୍ଭେ ଗ୍ରହୀତା, ମୁଁ / କ୍ଷମତାଦାତାଙ୍କ ତରଫରୁ ଉକ୍ତ ଭୂସମ୍ପତ୍ତି ଉପରେ ବହୁତଳ ପ୍ରାସାଦ ନିର୍ମାଣ କରିବା ନିମନ୍ତେ ତଥା ଉକ୍ତ କାର୍ଯ୍ୟମାନ ସୁରୁରୁ ରୁପେ ସମାପନ କରିବା ନିମନ୍ତେ ସମସ୍ତ କାର୍ଯ୍ୟମାନ କରିପାରିବ।

୨. ଏହିକି ତୁମ୍ଭେ ଗ୍ରହୀତା ମୁଁ / କ୍ଷମତାଦାତାଙ୍କ ତରଫରୁ ଭାରତୀୟ ଆଇନ ଓ ସମ୍ବିଧାନ ସମ୍ବନ୍ଧ ସମସ୍ତ ଅଦାଲତରେ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଉପସ୍ଥିତ ରହି ବା ଓକିଲ, ମୋହରିର ନିଯୁକ୍ତ କରାଇ ଶୀର୍ଷ ଲିଖିତ ଭୂସମ୍ପତ୍ତି ପାଇଁ ସମସ୍ତ ଆଇନ ଅନୁମୋଦିତ କାର୍ଯ୍ୟ ସମ୍ପାଦନ କରିପାରିବେ।

୩. ଏହିକି ତୁମ୍ଭେ ଗ୍ରହୀତା ଉକ୍ତ ଭୂସମ୍ପତ୍ତି ଉପରେ ବହୁତଳ ପ୍ରାସାଦ ନିର୍ମାଣ ଅର୍ଥେ ସ୍ଥପତି ବିଶାରଦଙ୍କ ଦ୍ୱାରା ତାହାର ପ୍ଲାନ ପ୍ରସ୍ତୁତ କରି ତାହାକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର ମହାନଗର ନିଗମ, ଓରେରା ବା ସ୍ଥାନୀୟ ଅଧିକାରୀଙ୍କ ନିକଟରେ ପଇଠ କରି ତାହାକୁ ଅନୁମୋଦନ କରିବ। ତହିଁ ନିମନ୍ତେ ଦରକାର ପଡୁଥିବା ସତ୍ୟପାଠ ଇତ୍ୟାଦି ମୁଁ / କ୍ଷମତାଦାତାଙ୍କ ତରଫୁ ତୁମ୍ଭେ ଗ୍ରହୀତା ସମ୍ପାଦନ କରିପାରିବ। ତତ୍‌ସହିତ ଉକ୍ତ ଉନ୍ନୟନ କାର୍ଯ୍ୟ ନିମନ୍ତେ ଦରକାର ପଡିଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିନସ୍ତ ବିଭାଗ ଓ କାର୍ଯ୍ୟାଳୟ ଯଥା- ବିଦ୍ୟୁତ୍ ବିଭାଗ, ଅଗ୍ନିସମ ବିଭାଗ, ପରିବେଶ ବିଭାଗ, ବିମାନ ଚଳାଚଳ ବିଭାଗ ଓ ସ୍ୱାସ୍ଥ୍ୟ ସେବା, ପରିମଳ ବିଭାଗ ସହ ଯୋଗାଯୋଗ କରି ଆଇନ ଅନୁଯାୟୀ ଯେତେବେଳେ ଯାହା ଦରକାର ପଡିବ ତାହା ସବୁ କରିପାରିବ।

୪. ଏହିକି ତୁମ୍ଭେ ଗ୍ରହୀତା ଉକ୍ତ ବୃତ୍ତି ଉପରେ ବାଲି, ମୋରମ ଇତ୍ୟାଦି ପକାଇ ଏହାକୁ ବହୁତଳ ପ୍ରାସାଦ ନିର୍ମାଣ ନିମନ୍ତେ ସମତୁଲ କରି ତହିଁରେ ଅନୁମୋଦିତ ପ୍ଲାନାନୁଯାୟୀ ବହୁତଳ ପ୍ରାସାଦ ନିର୍ମାଣ କରିବେ। ସେଥିପାଇଁ ଦରକାର ହେଉଥିବା ସମସ୍ତ ପ୍ରକାର ଯନ୍ତ୍ରୀ, ସ୍ଥପତି, ଠିକାଦାର, କୁଶଳୀ ଅଣକୁଶଳୀ ମିସ୍ତ୍ରୀ, ମଜୁରିଆ ଏବଂ ଶ୍ରମିକ ଆଦି ନିଯୁକ୍ତ କରିପାରିବେ ଏବଂ ନିର୍ମାଣ ସମୟେ ଉପୁଜୁଥିବା ସମସ୍ତ ପ୍ରକାର ସମସ୍ୟାର ସମାଧାନ ନିଜ ଦାୟୀତ୍ୱ ଓ ଖର୍ଚ୍ଚରେ କରିପାରିବେ ଏବଂ ନିର୍ମାଣ ନିମନ୍ତେ ସମସ୍ତ ଖର୍ଚ୍ଚ ବହନ କରିବେ।

Evos Buildcon Pvt. Ltd.
Managing Director



Scanned by CamScanner

## Endorsement of the certificate of admissibility

Admissible under rule 25: duly stamped under the Indian stamp (Orissa Amendment act 1 of 2008) Act 1899, Schedule 1-A No. 48(g) Fees Paid : A18(iii) & A(1)-108290 ,, User Charges-250 ,Total 108540

**Signature of Registering officer**

**Date: 04-09-2019**

## Endorsement under section 52

Presented for registration in the office of the Sub-Registrar **Sub-Registrar KHANDAGIRI** between the hours of 10:30 AM and 2:30 PM on the **04-09-2019** by **NITYANANDA BAL** , son/daughter/wife of **LATE UDYANATH BAL** , of **AT/PO-TAMANDO,PS-KHANDAGIRI,BBSR** , by caste **General** , profession **ବ୍ୟବସାୟ** and finger prints affixed.

**Signature of Presenter / Date: 04-09-2019**

**Signature of Registering officer.**

## Endorsement under section 58

**Execution is admitted by :**

| Name | Photo | Thumb Impression | Signature | Date of Admission of Execution |
|---|---|---|---|---|
| NITYANANDA BAL |  |  313356789 | | 04-Sep-2019 |
| KALINGA KESHARI RATH MD OF EVOS BUILDCON PVT LTD | | | | 04-Sep-2019 |



Scanned by CamScanner

୫.	ଏହିକି ତୁମ୍ଭେ କ୍ଷମତାଗ୍ରହୀତା ମୁଁ / କ୍ଷମତାଦାତାଙ୍କ ତରଫରୁ ଉକ୍ତ ବହୁତଳ ପ୍ରାସାଦ ଗୁଡ଼ିକୁ ମୁଖ୍ୟ ରାସ୍ତା ସହିତ ସଂଯୋଗ କରିବା ନିମନ୍ତେ ସୁପରିକଳ୍ପିତ ରାସ୍ତା ନିର୍ମାଣ କରି ତାହାକୁ ସମୀଚିନ ମନେ କଲେ ଭୁବନେଶ୍ୱର ମହାନଗର ନିଗମ ଅଥବା ସ୍ଥାନୀୟ ଅଧିକାରୀଙ୍କୁ ଦାନ ସୂତ୍ରେ ପ୍ରଦାନ କରି ଉକ୍ତ ରାସ୍ତାକୁ ସର୍ବସାଧାରଣ ରାସ୍ତାରେ ପରିଣତ କରିପାରିବ ।

୬.	ଏହିକି ଉକ୍ତ ବହୁତଳ ପ୍ରାସାଦ ଗୁଡ଼ିକର ବିଦ୍ୟୁତି କରଣ, ପରିମଳ ବ୍ୟବସ୍ଥା ନିମନ୍ତେ ଦରକାର ପଡୁଥିବା ବିଦ୍ୟୁତ ସଂଯୋଗ, ନର୍ଦ୍ଦମା ନିର୍ମାଣ, ଫୋନ ସଂଯୋଗ, ପାଣି ସଂଯୋଗ ଆଦି କାର୍ଯ୍ୟମାନ କରିପାରିବେ ଏବଂ ଏଥି ନିମନ୍ତେ ସଂପୃକ୍ତ ଅଧିକାରୀଙ୍କୁ ଦରଖାସ୍ତ କରିବା ସହ ନିଜେ ଉପସ୍ଥିତ ରହି ଯେତେବେଳେ ଯାହା ସବୁ ଦରକାର ପଡିବ ତୁମ୍ଭେ ଗ୍ରହୀତା ମୁଁ / କ୍ଷମତାଦାତାଙ୍କ ତରଫରୁ ସେ ସମସ୍ତ କାର୍ଯ୍ୟ ସମାପନ କରିପାରିବେ ।

୭.	ଏହିକି ତୁମ୍ଭେ ଗ୍ରହୀତା ଶୀର୍ଷ ଭୂସମ୍ପତ୍ତିର ରକ୍ଷଣାବେକ୍ଷଣ କରିବା ସହ ସରକାରୀ ସିରସ୍ତାରେ ଦେୟାଦି ପଇଠ କରି ଚେକ, ପାଉତି ଆଦି ହାସଲ କରିପାରିବେ ।

୮.	ଏହିକି ଉକ୍ତ ସମ୍ପତ୍ତି ଉପରେ କୌଣସି ସମସ୍ୟା ଓ ଆଇନ୍ ଶୃଙ୍ଖଳା ପରିସ୍ଥିତି ଜାତ ହେଲେ ଆବଶ୍ୟକୀୟ ସ୍ଥଳେ ତୁମେ ଗ୍ରହୀତା ଆମ୍ଭେ ଦାତାଙ୍କ ତରଫରୁ ଶ୍ରୀଯୁକ୍ତ ତହସିଲଦାର, ବନ୍ଦୋବସ୍ତ ଅଧିକାରୀ, ଜିଲ୍ଲାପାଳ, ଓଡ଼ିଶା ସାଧାରଣ ପ୍ରଶାସନ ବିଭାଗ କର୍ତ୍ତୃପକ୍ଷ, ଏପରିକି ସମସ୍ତ ଦେଓ୍ୱାନି ଓ ଫୌଜଦାରୀ ନ୍ୟାୟାଳୟ, ତଥା ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଓ ଭାରତର ଉଚ୍ଚତମ ନ୍ୟାଳାୟରେ ମଧ୍ୟ ନିଜର ସ୍ୱାକ୍ଷର ବଳରେ ମୋକର୍ଦ୍ଦମା ମାନ ରୁଜୁ କରି ଓକିଲ, ବାରିଷ୍ଟର, ମୋହରିରମାନ ନିଯୁକ୍ତ କରାଇ ସମ୍ପତ୍ତି ପକ୍ଷେ ଡିଗ୍ରୀ ହାସଲ କରିପାରିବ ଓ ଆବଶ୍ୟକ ସ୍ଥଳେ ଅପିଲ କରାଇ ସାକ୍ଷୀ ସମନ ଦେଇ ସମ୍ପତ୍ତିର ସୁରକ୍ଷା ପାଇଁ ସମସ୍ତ କାର୍ଯ୍ୟ କାଗଜଆଦି କରିପାରିବେ । ଦରକାର ସ୍ଥଳେ ନିଜ ନାମେ ଆଫିଡେଭିଟ୍,ଇଣ୍ଡେମିନିଟ୍ ବଣ୍ଡ ଇତ୍ୟାଦି କରିପାରିବେ ।

୯.	ଏହିକି ତୁମ୍ଭେ ଗ୍ରହୀତା ମୁଁ / କ୍ଷମତାଦାତାଙ୍କ ତରଫରୁ ଉକ୍ତ ବୃତ୍ତି ବା ଏଥି ଉପରେ ନିର୍ମାଣ ହେବାକୁ ଥିବା ବହୁତଳ ପ୍ରାସାଦ ସମ୍ବନ୍ଧରେ ଆୟକର ବିଭାଗ, ପଣ୍ୟକର ବିଭାଗ ତଥା ଅନ୍ୟ ସମସ୍ତ ଆଇନ ଅଦାଲତ, ନ୍ୟାୟାଧିଶ, କମିଶନରଙ୍କ କାର୍ଯ୍ୟାଳୟରେ ହାଜିର ହୋଇ ସମସ୍ତ ପ୍ରକାର ମାମଲା ରୁଜୁ କରିପାରିବ, କୌଣସି ମାମଲାରେ ପ୍ରତିପକ୍ଷ ଭାବେ ଜବାବ ପ୍ରଦାନ କରିବା, ନୋଟିସ ଇତ୍ୟାଦି ଗ୍ରହଣ କରିବା, ଆବେଦନପତ୍ରାଦି ତଥା ସତ୍ୟପାଠ, ସତ୍ୟାପନ ଇତ୍ୟାଦିରେ ନିଜର ସ୍ୱାକ୍ଷର ପ୍ରଦାନ କରିବା ଇତ୍ୟାଦି ଯେତେବେଳେ ଯେଉଁ କାର୍ଯ୍ୟ ଦରକାର ପଡ଼ିବ ତାହା ସମସ୍ତ ମୋ ତରଫରୁ ସମ୍ପୂର୍ଣ୍ଣ କରିପାରିବେ ।

Evos Buildcon Pvt. Ltd.
Managing Director



Scanned by CamScanner

| | | | |
|---|---|---|---|
|  |  241924274 | | |

Identified by **BIJAY KUMAR PADHI** Son/Wife of **N/A** of **BBSR,DIST-KHURDA** by profession ଅନ୍ଯ

| Name | Photo | Thumb Impression | Signature | Date of Admission of Execution |
|---|---|---|---|---|
| BIJAY KUMAR PADHI |  |  41279913 | | 04-Sep-2019 |

**Date: 04-09-2019**

**Signature of Registering officer**

**Endorsement of certificate of registration under section 60**

**Registered and true copy filed in : Office of the Sub-Registrar, KHANDAGIRI**

**Book Number : 1 || Volume Number : 138**

**Document Number : 11131906847**

**For the year : 2019**

**Seal**

**Date: 05-09-2019**

Print

**Signature of Registering officer**

http://10.150.15.150/Admin/DSR/Endor...

Scanned by CamScanner

୧୦. ଏହିକି ତୁମ୍ଭେ ଗ୍ରହୀତା ମୁଁ / କ୍ଷମତାଦାତାଙ୍କ ତରଫରୁ ଉକ୍ତ ଭୂସମ୍ପତ୍ତିର ଉନ୍ନତି ପାଇଁ ସମସ୍ତ ସରକାରୀ ଓ ବେସରକାରୀ ମହକୁମା ମାନଙ୍କରେ ଦାବୀ ଆପତ୍ତି କରି କରାଇ କାର୍ଯ୍ୟ ହାସଲ କରିପାରିବେ ।

୧୧. ଏହିକି ତୁମ୍ଭେ ଗ୍ରହୀତା, ମୋ ଅଂଶ ବାବଦକୁ ଶତକଡ଼ା ୪୦% ନିର୍ମାଣ ଅଂଶକୁ ଛାଡ଼ି ଅବଶିଷ୍ଟ ୬୦% ଅଂଶ ଗୃହକୁ ବିକ୍ରୟାଦି କରିବା ନିମନ୍ତେ ଅନ୍ୟପକ୍ଷ ଠିକଣା କରି ତାଙ୍କ ନାମେ ଚୁକ୍ତିପତ୍ର ବା ବିକ୍ରୟ କବଲା ଏବଂ ଆବଶ୍ୟକତା ଅନୁସାରେ ଅନ୍ୟାନ୍ୟ ଆଇନ ସମ୍ମତ ଦଲିଲ୍ ଏବଂ ଚୁକ୍ତିନାମା ସମ୍ପାଦନ କରି ତାହାକୁ ସବ୍‌ରେଜିଷ୍ଟ୍ରାରଙ୍କ ଅଫିସରେ ରେଜିଷ୍ଟ୍ରି କରିବା ସହ ଗ୍ରହୀତାଙ୍କ ନାମେ ଟିକଟ ବରାଦ କରିପାରିବେ ଓ ଦଖଲ ମଡ଼ାଣ ମଧ୍ୟ ଦେଇ ପାରିବେ । ଆବଶ୍ୟକ ମନେକଲେ ତାହାକୁ ବନ୍ଧକ ରଖି ଆବଶ୍ୟକତା ଅନୁସାରେ ବ୍ୟାଙ୍କ୍ କିମ୍ବା ଅନ୍ୟ ସରକାରୀ ଓ ବେସରକାରୀ ଅର୍ଥ/ରଣ ପ୍ରଦାନକାରୀ ଅନୁଷ୍ଠାନରୁ ପକ୍ଷମାନଙ୍କ ପାଇଁ ଗୃହ ରଣ, ନିଜ ସଂସ୍ଥା ପାଇଁ ପ୍ରୋଜେକ୍ଟ ରଣ ବା ବ୍ୟକ୍ତିଗତ ରଣ ମଧ୍ୟ ଗ୍ରହଣ କରିପାରିବେ ଏବଂ ସେଇ ରଣକୁ ପରିଶୋଧ କରିବା ପାଇଁ ଉତ୍ତରଦାୟୀ ରହିବେ । ଉପରୋକ୍ତ ଶତକଡ଼ା ୪୦% ନିର୍ମାଣ ଗୃହକୁ ମୁଁ / କ୍ଷମତାଦାତା ମୋ ଅଂଶ ବାବଦରେ ଭୋଗ ଦଖଲ କରିବୁ ।

ମୁଁ ଦାତା ଏତଦ୍ୱାରା ଘୋଷଣା କରୁଅଛି କି ତୁମ୍ଭେ ଗ୍ରହୀତାଙ୍କ ଦ୍ୱାର ସମ୍ପାଦିତ ଉଲ୍ଲେଖିତ କାର୍ଯ୍ୟମାନ ମୁଁ ନିଜେ ଉପସ୍ଥିତ ରହି ସମ୍ପାଦନ କଲାପ୍ରାୟ ଗଣ୍ୟ ହେବ ଓ ତୁମ୍ଭେ ଗ୍ରହୀତାଙ୍କ ସ୍ୱାକ୍ଷର ମୋ ସ୍ୱାକ୍ଷର ପ୍ରାୟ ପରିଗଣିତ ହେବ ।

ଏତଦାର୍ଥେ ମୁଁ / କ୍ଷମତାଦାତା ଧୀରଚିତ, ସ୍ଥିରମତିରେ ଥାଇ ଅଦ୍ୟ, ଏହି ପୂର୍ଣ୍ଣକ୍ଷମତାପତ୍ର ଦଲିଲକୁ ପଢ଼ି, ବୁଝି, ଆମ୍ଭ କହିବା ମୁତାବକ ଠିକ୍ ଥିବାର ଅଙ୍ଗିକାର କରି ଆଜି ଦିନ ତା.୦.୫.୨୦ରିଖରେ ଏହାକୁ ସଂପାଦନ କରିଦେଲୁକି ଦରକାର ବେଳେ କର୍ମରେ ଆସିବ ।

**ସାକ୍ଷୀ:**

୧. Rajesh Kumar Bala, Tamando, Tangi Sahi, BBSR

୨. Bijoy Kr P[illegible], S/o B-Ch[illegible], At [illegible] BBSR

କ୍ଷମତାଦାତାମାନଙ୍କ ସ୍ୱାକ୍ଷର

**Evos Buildcon Pvt. Ltd.**

Kalinga Keshari Path

କ୍ଷମତାଗ୍ରହୀତାଙ୍କ ସ୍ୱାକ୍ଷର

**Managing Director**

ଏହିକି ଉପରୋକ୍ତ ଦଲିଲ୍ ସମ୍ପାଦନକାରୀଙ୍କ କହିବା ମୁତାବକ ମୁଁ ଏହି କ୍ଷମତାପତ୍ର ଦଲିଲ ପ୍ରସ୍ତୁତ କରି ଆମ୍ଭମାନଙ୍କୁ ପଢ଼ାଇ, ଶୁଣାଇ ବୁଝାଇ ଦେବାରେ ଠିକ୍ ଥିବା କହି ସ୍ୱାକ୍ଷର କଲେ ।

ଅଧିବକ୍ତାଙ୍କ ସ୍ୱାକ୍ଷର

8.5.20 PM



Scanned by CamScanner